# Govt. Autonomous College, Rourkela

## P.G. Department of Odia

## +3 1st year 2nd Semistar

## (Core-3)

Full Marks :

Time :

୧ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

କ. ମିଶନାରୀ ମାନେ ପ୍ରଥମେ ଓଡ଼ିଶାକୁ କେବେ ଆସିଥିଲେ ?

ଖ. ଖ୍ରୀଷ୍ଟ ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ସେମାନଙ୍କର ମୁଖ୍ୟ ଲକ୍ଷ କ'ଣ ଥିଲା ?

ଗ. ମ୍ୟାକ୍‌ଲେଙ୍କ ଶିକ୍ଷାନୀତି କେବେଠାରୁ ଲାଗୁ ହେଲା ?

ଘ. ପୁରୀ ଜିଲ୍ଲାର ଇଂରାଜୀ ସ୍କୁଲ କେଉଁ ଥିଓରୀର ପ୍ରଥମ ପରିପ୍ରକାଶ ?

ଙ. ୧୮୨୩ ମସିହାରୁ ଥିବା ସମସ୍ତ ବେସରକାରୀ ସ୍କୁଲ୍ କେଉଁ ମସିହାରେ ସରକାରଙ୍କ ଅଧିନକୁ ଆସିଲା ?

ଚ. ୧୭୯୩ରେ ଖ୍ରୀଷ୍ଟଧର୍ମର ପ୍ରଚାର ଲାଗି କେଉଁ ମାନେ ଭାରତକୁ ଆସିଥିଲେ ?

ଛ. 'ଶ୍ରୀରାମପୁର ମିଶନ ପ୍ରେସ୍' କେବେ ଓ କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

ଜ. ଓଡ଼ିଶାର ଦ୍ୱିତୀୟ ମୁଦ୍ରାଯନ୍ତ୍ରର ନାମ କ'ଣ ?

ଝ. ପଲ୍ଲୀ କବି ନନ୍ଦ କିଶୋର ବଳ କେବେ ଜନ୍ମ ଗ୍ରହଣ କରିଥିଲେ ଏବଂ ମୃତ୍ୟୁବରଣ କରିଥିଲେ ।

ଞ. କେତେ ବର୍ଷ ବୟସରେ ରାଧାନାଥ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ?

ଟ. ରାଧାନାଥ ରାୟ ବାଲେଶ୍ୱରରେ କେତେ ଟଙ୍କା ବେତନରେ ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ ?

ଠ. ରାଧାନାଥ ରାୟଙ୍କର ପିତା ଓ ମାତାଙ୍କ ନାମ କ'ଣ ?

ଡ. ରାଧାନାଥଙ୍କୁ ବାଲେଶ୍ୱର ଜିଲ୍ଲାର କେଉଁ ପଦରେ ନିଯୁକ୍ତି କରାଇ ଓଡ଼ିଶାକୁ ଅଣାଯାଇ ଥିଲା ?

ଢ. ବାମଣ୍ଡାର ସୁବିଖ୍ୟାତ ରାଜାଙ୍କ ନାମ କ'ଣ ?

ଣ. କେଉଁ ମସିହାରେ ରାଧାନାଥ ଇନ୍‌ସପେକ୍ଟର ପାଦକୁ ଉନ୍ନୀତ ହୋଇଥିଲେ ?

ତ. ରାଧାନାଥ ରାୟଙ୍କର ମୃତ୍ୟୁ କେଉଁ ରୋଗ ଯୋଗୁଁ ଘଟିଥିଲା ?

ଥ. ରାଧାନାଥଙ୍କ ପ୍ରଥମ କାବ୍ୟର ନାମ କ'ଣ ?

ଦ. ରାଧାନାଥଙ୍କ ଶେଷ ବଙ୍ଗଳା ରଚନା କ'ଣ ?

ଧ. ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟର ନାୟକ ଓ ନାୟିକାଙ୍କର ନାମ ଲେଖ ?

ନ. ରାଧାନାଥଙ୍କ 'ପାର୍ବତୀ' କାବ୍ୟ କେଉଁ ନାଟକ ଅବଲମ୍ବନରେ ରଚିତ ?

ପ. ଉଷା କାବ୍ୟର ନାୟକ ଓ ନାୟିକା କିଏ ?

ଫ. 'ମହାଯାତ୍ରା' କାବ୍ୟ କେଉଁ ଛନ୍ଦରେ ରଚିତ ?

ବ. 'ମହାଯାତ୍ରା' କାବ୍ୟ କେଉଁ ମସିହାରେ ଏବଂ ଏହା କେତେ ଗୋଟି ସର୍ଗକୁ ନେଇ ରଚିତ ?

ଭ. ରାଧାନାଥ ରାୟଙ୍କର ରଚିତ 'ଦରବାର' ଏକ କେଉଁ ପ୍ରକାରର କାବ୍ୟ ।

ମ. ରାଧାନାଥ ରାୟଙ୍କର ପ୍ରଥମ ପ୍ରବନ୍ଧର ନାମ କ'ଣ ?

ଯ. ଗଙ୍ଗାଧର ମେହେର କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

ର. ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ 'ତପସ୍ୱିନୀ' କାବ୍ୟ କେତୋଟି ସର୍ଗ ବିଶିଷ୍ଟ ?

ଲ. ସାରଳା ଦାସଙ୍କ 'ମହାଭାରତ' ଅନୁସରଣରେ ଗଙ୍ଗାଧର ମେହେରଙ୍କ କେଉଁ କାବ୍ୟ ରଚିତ ?

ୱ. କେତୋଟି ଅକ୍ଷର ବୃତ୍ତରେ ଏବଂ କେତୋଟି ଅଧ୍ୟାୟରେ 'ବଳରାମାୟଣ' ଗ୍ରନ୍ଥ ରଚିତ ?

୨. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

କ. ବିପ୍‌ଟିଷ୍ଟ ମିଶନାରୀ ମାନେ କଟକକୁ କେବେ ଆସିଥିଲେ ଏବଂ କେଉଁ ସ୍କୁଲ୍ ପ୍ରତିଷ୍ଠା କରିଥିଲେ ?

ଖ. ଉଇଲିୟମ୍ କେରିଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ ପ୍ରଥମ ମୁଦ୍ରଣ ଯନ୍ତ୍ରର ନାମ କ'ଣ ଏବଂ ଏହା କେଉଁ ମସିହାରେ ହୋଇଥିଲା ?

ଗ. ଓଡ଼ିଶାର ଦ୍ୱିତୀୟ ମୁଦ୍ରଣ ଯନ୍ତ୍ରର ନାମ କ'ଣ ଏବଂ ଏହା କେବେ ଓ କେଉଁ ମାନଙ୍କର ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ?

ଘ. ତୃତୀୟ ମୁଦ୍ରଣ ଯନ୍ତ୍ର କେବେ ଓ କେଉଁଠାରେ ଏବଂ ଏହାର ପ୍ରତିଷ୍ଠାତା କିଏ, ଏହାର ନାମ କ'ଣ ?

ଙ. ଓଡ଼ିଶାର ଚତୁର୍ଥ ମୁଦ୍ରଣଯନ୍ତ୍ରର ନାମ କ'ଣ ? ଏବଂ ଏହା କେବେ, କେଉଁ ସହରରେ ଏବଂ ଏହାର ସତ୍ତ୍ୱାଧିକାରୀ କିଏ ଥିଲେ ?

ଚ. ମିଶନାରୀ ପତ୍ର-ପତ୍ରିକା ମଧ୍ୟରୁ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକାଟି କେବେ ପ୍ରକାଶିତ ହୋଇଥିଲା ଏବଂ ଏହାର ସଂପାଦକ କିଏ ଥିଲେ ଏବଂ ଏହି ପତ୍ରିକା ପ୍ରକାଶନର ମୁଖ୍ୟ ଲକ୍ଷ କ'ଣ ଥିଲା/

ଛ. ଓଡ଼ିଶାର ପ୍ରଥମ ସମ୍ବାଦ ପତ୍ରର ନାମ କ'ଣ ? ଏହା କେବେ ଓ କେଉଁ କମ୍ପାନୀ ଦ୍ୱାରା ପ୍ରକାଶିତ ହୋଇଥିଲା ଏବଂ ଏହାର ସଂପାଦକ କିଏ ଥିଲେ ?

ଜ. ଆମେରିକାନ୍ ମିଶନ୍ ଆନୁକୂଲ୍ୟରେ ଚିକିତ୍ସା ଶିକ୍ଷା ଦିଆଯିବା ଲକ୍ଷରେ କେଉଁ ଜାଗାରେ ଚିକିତ୍ସାଳୟ ଖୋଲା ହୋଇଥିଲା ଏବଂ କେଉଁ ମସିହାରେ ଏବଂ ଏସବୁର ଚିକିତ୍ସକ କେଉଁ ମାନେ ଥିଲେ ?

ଝ. ୧୮୭୦ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ର ପଣ୍ଡିତ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ କେଉଁ ପୁସ୍ତକ ରଚନା କରିଥିଲେ ଏବଂ ସେଥିରେ କେଉଁ ବିଷୟରେ ଉଲ୍ଲେଖ ହୋଇଛି ?

ଞ. କେଉଁମାନେ ଓଡ଼ିଆ ଭାଷାରେ ବାଇବେଲ୍ ଅନୁବାଦ କରିଥିଲେ ଏବଂ କେବେ ?

ଟ. କବିବର ରାଧାନାଥ ରାୟ କେବେ ଓ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ?

ଠ. ବ୍ରିଟିଶ୍ ସରକାରଙ୍କ ଦ୍ୱାରା ରାଧାନାଥ ରାୟଙ୍କ ଏକ ଉପାଧି ମିଳିଥିଲା । ସେହି ଉପାଧିର ନାମ କ'ଣ ଏବଂ ଏହା କେବେ ହୋଇଥିଲା ?

ଡ. ରାଧାନାଥ ରାୟଙ୍କର ରଚିତ 'ଚନ୍ଦ୍ରଭାଗା' କେଉଁ କାବ୍ୟ ଆଧାରରେ ରଚିତ ଏବଂ ଏହାର ମୁଖ୍ୟ ଦୁଇ ଚରିତ୍ରର ନାମ କ'ଣ ?

ଢ. 'ଚିଲିକା' କାବ୍ୟଟି ଏକ କେଉଁ ପ୍ରକାରର କାବ୍ୟ ଏବଂ ଏହି କାବ୍ୟର ନାୟିକା କିଏ ?

ଣ. 'ମହାଯାତ୍ରା' କାବ୍ୟଟି କେଉଁ ମସିହାରେ ଏବଂ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ଏବଂ ଏହାର ନାୟକ କିଏ ?

ତ. କ୍ଲାସିକ୍ ରଚନା ପାଇଁ କେଉଁ କେଉଁ ଉପାଦାନ ଲୋଡ଼ା ଏବଂ ସେଗୁଡ଼ିକ କ'ଣ କ'ଣ ?

ଥ. ରାଧାନାଥ ରାୟଙ୍କର 'ମେଘଦୂତ" କେବେ ପ୍ରକାଶ ପାଇଥିଲା ଏବଂ ଏହା କେଉଁ କବିଙ୍କ କେଉଁ କାବ୍ୟର ଅନୁବାଦରେ ରଚିତ ହୋଇଥିଲା ?

ଦ. ଗଙ୍ଗାଧର ମେହେରଙ୍କ 'ଇନ୍ଦୁମତି' କାବ୍ୟ କେବେ ଓ କେଉଁ ବିଷୟବସ୍ତୁକୁ ନେଇ ରଚିତ ?

ଧ. 'ପ୍ରଣୟ ବଲ୍ଲୀର' କେବେ ଏବଂକେଉଁ କବିଙ୍କ କେଉଁ ନାଟକ ଅବଲମ୍ବନରେ ରଚିତ ?

ନ. 'କବିତା କଲ୍ଲୋଳ' କବିତା ଗ୍ରନ୍ଥଟି କେତେଗୋଟି ଦୀର୍ଘ କବିତାର ସମାହାର ଏବଂ ସେମାନଙ୍କର ନାମ କ'ଣ କ'ଣ ?

୩. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

କ. 'ଇନ୍ଦୁମତି' କାବ୍ୟ ସଂପର୍କରେ ସକ୍ଷିପ୍ତ ସୂଚନା ପ୍ରଦାନ କର ।

ଖ. କମ୍ପାନୀ ସରକାରଙ୍କ ନୂଆ ସନନ୍ଦ ଅନୁସାରେ ଭାରତରେ ଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ........ଟିଷ୍ଟ ମିଶନାରୀଙ୍କ ବ୍ୟତୀତ ଆଉ କେଉଁ କେଉଁମାନେ ଓଡ଼ିଶା ଆସିଥିଲେ ଏବଂ କେଉଁ ମସିହାରେ ?

ଗ. 'ମ୍ୟାକଲେଙ୍କ ଶିକ୍ଷାନୀତି'ର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ? ଏବଂ ସେ କ'ଣ କହୁଥିଲେ ?

ଘ. କମିଶନର ଗୋଲଡ୍‌ସ୍‌ବରୀ କେଉଁ ମସିହାରେ ଏକ ବାର୍ଷିକ ରିପୋର୍ଟ ଦେଇଥିଲେ ଏବଂ ସେ ସେଥିରେ କେଉଁ ସଂପର୍କରେ ପ୍ରସ୍ତାବ ରଖିଥିଲେ ।

ଙ. ଲର୍ଡ୍ ହାର୍ଡ଼ିଞ୍ଜ ଏବଂ ବଙ୍ଗ ସରକାର କେଉଁ ମସିହାରେ ଏକ ଘୋଷଣାନାମା ପ୍ରକାଶ କରିଥିଲେ ଏବଂ ସେହି ଘୋଷଣାନାମାରେ କ'ଣ ଉଲ୍ଲେଖ ଥିଲା ?

ଚ. 'ଉଡ୍‌ସ୍ ଡେସ୍‌ପାଚ' କେବେ ଘୋଷଣା କରାଗଲା ଏବଂ 'ଡେସ୍‌ପାଚ'ର ମୁଖ୍ୟ ଲକ୍ଷ କ'ଣ କ'ଣ ଥିଲା ?

ଛ. ୧୮୭୦-୧୮୮୯ ମସିହା ମଧ୍ୟରେ ସ୍ଥାପିତ କେତେକ ଓଡ଼ିଆ ପ୍ରେସ୍‌ର ନାମ ଲେଖ ?

ଜ. ୧୯୯୦-୧୯୪୦ ମସିହା ମଧ୍ୟରେ ଥିବା କେତେକ ଓଡ଼ିଆ ପ୍ରେସର ନାମ ଲେଖ ।

ଝ. 'ଓଡ଼ିଆ ଓ ନବ ସମ୍ବାଦ' ପ୍ରେସ୍ ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କର ।

ଟ. ଊନବିଂଶ ଶତକର ଅନ୍ୟ କେତେକ ପତ୍ରିକା ସମ୍ବନ୍ଧରେ ଆଲୋଚନା କର ।

ଠ. ଇଂରେଜ ମାନଙ୍କ ଶାସନ ସମୟରେ 'ଓଡ଼ିଆ ପାଠ୍ୟ ପୁସ୍ତକ' ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।

ଡ. ଶିକ୍ଷାର ବିକାଶ ଦିଗରେ 'କଟକ ହାଇସ୍କୁଲର' ଓ 'ରେଭେନ୍‌ସା କଲେ୍'ର ଅବଦାନ ବୁଝାଅ ।

ଢ. 'ଓରନେଁସା ବା ନବଜାଗରଣ'ର କାରଣ ଦର୍ଶାଅ ?

ଣ. 'ଜନ୍ ବିମ୍‌ସ' କିଏ ? ସେ ଜଣେ ପେଶରେ କ'ଣ ଥିଲେ ଏବଂ ତାଙ୍କର କେତେଗୋଟି ଭାଷାରେ ଦଖଲ ଥିଲା ଓ ସେ ଗବେଷଣା କରୁଥିଲେ ?

ତ. 'ଭାଷା' କାବ୍ୟର କାବ୍ୟିକ ପରିଚୟ ଦିଅ ।

ଥ. 'ଇନ୍ଦୁମତି' କାବ୍ୟ ବିଷୟରେ ସକ୍ଷିପ୍ତରେ ବର୍ଣ୍ଣନା କର ।

ଦ. 'ବଳରାମାୟଣ' ଗ୍ରନ୍ଥରେ କେଉଁ କେଉଁ ବିଷୟରେ ରଚିତ ?

ଧ. ବ୍ୟାସକବି ଫକୀର ମୋହନ ସେନାପତି କେବେ ଏବଂ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ? ତାଙ୍କ ପିତା ମାତାଙ୍କ ନାମ କ'ଣ ଥିଲା ଏବଂ କେତେ ବର୍ଷ ବୟସରେ ତାଙ୍କ ପିତା ମାତାଙ୍କ ମୃତ୍ୟୁ ଘଟିଥିଲା ?

ନ. ଫକର ମୋହନ ସେନାପତିଙ୍କର 'ଉପନ୍ୟାସ' ମାନ ବର୍ଣ୍ଣନା କର ।

ପ. ବ୍ୟାସକବି ଫକୀରମୋହନ ସେନାପତିଙ୍କର ଜୀବନର ପ୍ରଥମ ପର୍ଯ୍ୟାୟ ବର୍ଣ୍ଣନା କର ।

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

କ. ଓଡ଼ିଶାରେ ଇଂରାଜୀ ଶିକ୍ଷା ବିସ୍ତାର ସଂପର୍କରେ ବର୍ଣ୍ଣନା କର ।

ଖ. ଆଧୁନିକ ଓଡ଼ିଆ ସାହିତ୍ୟ ଓ ପତ୍ରପତ୍ରିକା ପ୍ରକାଶନର ଭୂମିକା ସଂପର୍କରେ ଆଲୋଚନା କର ।

ଗ. ଆଧୁନିକ ଯୁଗରେ ଶିକ୍ଷାର ବିକାଶ କିପରି ଘଟିଥିଲା ବିଚାର-ବିମର୍ଶ କର ।

ଘ. 'ନବଜାଗରଣ ରେନେଁସା'ର ଭୂମିକା ସଂପର୍କରେ ଆଲୋଚନା କର ।

ଙ. ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ସଂପର୍କରେ ଆଲୋଚନା କର ।

ଚ. ଆଧୁନିକ ସମୟର ଓଡ଼ିଆ କାବ୍ୟ କବିତା ସଂପର୍କରେ ଆଲୋଚନା କର ।

ଛ. ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟା ରାଧାନାଥ ରାୟଙ୍କ କାବ୍ୟିକ ବିଚାର କର ।

ଜ. ଗଙ୍ଗାଧର ମେହେରଙ୍କ କାବ୍ୟିକ ଆବେଗ ସଂପର୍କରେ ଆଲୋଚନା କର ।

ଝ. ରହସ୍ୟବାଦୀ କବି ମଧୁସୂଦନ ରାଓ କାବ୍ୟିକ ପ୍ରତିଭା ସଂପର୍କରେ ଆଲୋଚନା କର ।

ଞ. କଥା ସମ୍ରାଟ ଫକୀର ମୋହନ, ସେନାପତିଙ୍କ ଉପନ୍ୟାସ ଓ ଗଳ୍ପ ସଂପର୍କରେ ଆଲୋଚନା କର ।

ଟ. ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ପ୍ରତିଭା ଓ କାବ୍ୟିକ ଆଦର୍ଶ ସଂପର୍କରେ ଆଲୋଚନା କର ।

ଠ. ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିଭା ଓ ସୃଷ୍ଟି ବୈଚିତ୍ର୍ୟ ସଂପର୍କରେ ଆଲୋଚନା କର ।

ଡ. ସତ୍ୟବାଦୀ ସାହିତ୍ୟର କାବ୍ୟାଦର୍ଶ ସଂପର୍କରେ ଆଲୋଚନା କର ।

ଢ. ସତ୍ୟବାଦୀ ଚେତନାର ଶେଷ ଶିଖା କବି ଗୋଦାବରୀଶ ମହାପାତ୍ରଙ୍କ ସଂପର୍କରେ ଆଲୋଚନା କର ।

ଣ. ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିଭା ଓ କାବ୍ୟକଳା ସଂପର୍କରେ ଆଲୋଚନା କର ।

ତ. ଓଡ଼ିଆ କଥା ସାହିତ୍ୟରେ ପ୍ରଗତିବାଦୀ ଧାରା ସଂପର୍କରେ ଆଲୋଚନା କର ।

ଥ. ଜାତୀୟ କବି ବୀର କିଶୋର ରାୟଙ୍କର ସୃଷ୍ଟି ଓ କାବ୍ୟ କବିତା ସଂପର୍କରେ ଆଲୋଚନା କର ।

ଦ. ରାଧାନାଥ ଗଡ଼ନାୟକଙ୍କ ସାରସ୍ୱତ ସାଧନା ସଂପର୍କରେ ବିଚାର କର ।

ଧ. 'ସବୁଜ ଯୁଗ - ସବୁଜ ସାହିତ୍ୟ', ନୂତନ ଚେତନାର ନୂତନ ସନ୍ଧାନର ବିଚାର ।

ନ. କାଳିନ୍ଦୀ-ଚରଣ ପାଣିଗ୍ରାହୀଙ୍କ କାବ୍ୟଚେତନା ସଂପର୍କରେ ବିଚାର କର ।

***